# ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ: ଏକତ୍ର ସହବାସ ପ୍ରସଙ୍ଗ

ଯୁଗୀରାମ ପୁଟେଲ[1] & ଡ. ଆଲୋକ ବରାଳ[2]

**ଲେଖାର ସାରାଂଶ:**

ସମୟ ବଦଳିବା ସହିତ ମଣିଷର ଚିନ୍ତା-ଚେତନାରେ ମଧ୍ୟ ପରିବର୍ତ୍ତନ ଦେଖାଦେଉଛି । ସାମ୍ପ୍ରତିକ ସମୟରେ ପାରମ୍ପାରିକ ବିବାହ ବ୍ୟବସ୍ଥା ସହିତ ସମ୍ପର୍କର ନୂତନ ଧାରା ଉଦ୍ଭାସିତ ହେଉଛି; ଯାହାକୁ ଇଂରାଜୀରେ 'ଲିଭ୍ ଇନ୍ ରିଲେସନ୍‌ସିପ୍' ବୋଲି କୁହାଯାଉଥିବା ବେଳେ ଓଡ଼ିଆରେ 'ଏକତ୍ର ସହବାସ' ବୋଲି କହିପାରିବା । ଉକ୍ତ ସମ୍ପର୍କରେ ଦୁଇଜଣ ପ୍ରେମୀ ବିବାହ ନକରି ସ୍ୱାମୀ-ସ୍ତ୍ରୀ ଭଳି ଜୀବନ ନିର୍ବାହ କରିଥାନ୍ତି । ଓଡ଼ିଶାର ସଂସ୍କୃତି, ପରମ୍ପରାରେ ଯଦିଓ ଏ ସମ୍ପର୍କ ସମ୍ପୂର୍ଣ୍ଣ ରୂପେ ଗ୍ରହଣଯୋଗ୍ୟ ହୋଇପାରିନାହିଁ ତଥାପି ଯୁବପିଢି ମଧ୍ୟରେ କ୍ରମଶଃ ଏହାର ଆଦୃତି ବଢିବାକୁ ଲାଗିଛି । ଯାହାର ପ୍ରଭାବ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ମଧ୍ୟ ଲକ୍ଷ୍ୟ କରାଯାଇ ପାରିବ । ଏ ଦୃଷ୍ଟିରୁ ବିଚାର କଲେ ପ୍ରବୀଣା ମହାନ୍ତିଙ୍କ 'ନିବିଡ଼ ନିଃସ୍ୱନ', ଜଗଦୀଶ ମହାନ୍ତିଙ୍କ 'ଅଦୃଶ୍ୟ ସକାଳ', ବୀଣା ମହାପାତ୍ରଙ୍କ 'ହାଏ ଆମେରିକା', ଦେବବ୍ରତ ଦାସଙ୍କର 'ମାୟା', ସରୋଜିନୀ ସାହୁଙ୍କର 'ଦାଦନ', ପ୍ରତିଭା ରାୟଙ୍କ 'ଶେଷ ଈଶ୍ୱର', ମନୋରମା ମିଶ୍ରଙ୍କର 'ଲିଭ୍‌ଇନ୍' ପ୍ରଭୃତି ଉପନ୍ୟାସରେ ଏହାର ଛବିକୁ ଅବଲୋକନ କରାଯାଇ ପାରିବ ।

**ମୂଳଶବ୍ଦ:** Live-in Relationship, ଏକତ୍ର ସହବାସ , ଯୌନ, ସମ୍ପର୍କ, ବିବାହ, ସ୍ୱେଚ୍ଛାଚାରୀ ଜୀବନ ।

**ଉପକ୍ରମ:**

ମାନବ ଜୀବନରେ ସମ୍ପର୍କର ମହତ୍ତ୍ୱ ଅସୀମ । ପ୍ରକୃତରେ ପ୍ରତ୍ୟେକ ସଜୀବ ପ୍ରାଣୀ ମଧ୍ୟରେ କିଛି ନା କିଛି ସମ୍ପର୍କ ରହିଥାଏ; ମାତ୍ର ମନୁଷ୍ୟ ପାଇଁ ସମ୍ପର୍କର ମହତ୍ତ୍ୱ ଅଧିକ । ସମ୍ପର୍କ ରକ୍ତରେ ଯୋଡ଼ିହୋଇ ନଥାଏ ବରଂ ସମ୍ପର୍କ ମନରେ, ଭାବନାରେ ଓ ଆତ୍ମାରେ ଗଠିତ ଏକ ସୁନ୍ଦର ବନ୍ଧନ; ଯାହାକୁ ସେ ଚିରଦିନ ବଜାୟ ରଖିବାକୁ ଚେଷ୍ଟା କରିଥାଏ । ସମ୍ପର୍କ ବିନା ମନୁଷ୍ୟ ଜୀବନ ନିର୍ଜନତା ଓ ଶୂନ୍ୟତାରେ ଭରିଯାଏ । ମାନବ ଜୀବନକୁ ଆତ୍ମବିଶ୍ୱାସୀ, ସୁଖୀ ଓ ନୀତିଶୀଳ କରିବାରେ ସମ୍ପର୍କର ମହତ୍ତ୍ୱ ଅଧିକ । ଅତଏବ ସମ୍ପର୍କ ମନୁଷ୍ୟ ଜୀବନର ଏକ ଅଂଶ । ସାମ୍ପ୍ରତିକ ସମୟରେ କିନ୍ତୁ ଏହି ସମ୍ପର୍କରେ ଦେଖାଯାଉଛି ପରିବର୍ତ୍ତନ । ସମାଜ, ସମୟ ଓ ପରିସ୍ଥିତି ଅନୁସାରେ ସମ୍ପର୍କର ଧାରା ବଦଳି ଯାଉଛି । ଗ୍ଲୋବାଲାଇଜେସନ୍, ସହରୀକରଣ, ନାରୀଶିକ୍ଷା, ଆର୍ଥିକ ସ୍ୱାଧୀନତା ଭଳି ବିବିଧ କାରଣରୁ ଯୁବପିଢିର ମାନସିକ ଚିନ୍ତାଧାରାରେ ଦେଖାଯାଉଛି ପରିବର୍ତ୍ତନ । ପୁନଶ୍ଚ ମୁକ୍ତ ଯୌନବିଚାର ମଣିଷର ଭାବଜଗତକୁ ଅନେକ ଦିଗରୁ ବଦଳେଇ ଦେଇଛି । ଫଳତଃ ସମ୍ପର୍କର ଅନେକ ନୂତନ ପରିଭାଷା ଦେଖିବାକୁ ମିଳୁଛି । ସପ୍ରସଙ୍ଗ ସମ୍ପ୍ରତି ଆଧୁନିକ ସମାଜରେ ବିବାହ

[1] ଗବେଷକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଓଡ଼ିଶା

[2] ବରିଷ୍ଠ ସହକାରୀ ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଓଡ଼ିଶା

ନକରି ଯୁବକ-ଯୁବତୀ ଏକତ୍ର ବସବାସ (Live-in Relationship)କରୁଛନ୍ତି । ଆର୍ଥିକ ଦିଗରୁ ହେଉ କିମ୍ବା ସ୍ୱଚ୍ଛନ୍ଦ ଜୀବନ ଯାପନ କରିବା ଦିଗରୁ ହେଉ ବା ସହରରେ ଘରଭଡା ନିମନ୍ତେ ସୃଷ୍ଟି ହେଉଥିବା ସମସ୍ୟା ବା ନିଜର ସୁରକ୍ଷା କାରଣରୁ ସାମ୍ପ୍ରତିକ ସମୟର ଯୁବକ-ଯୁବତିମାନେ ଏକତ୍ର ବସବାସ କରୁଛନ୍ତି । ଅନେକ କ୍ଷେତ୍ରରେ ସେମାନେ ଚୁକ୍ତିଭିତ୍ତିକ ସମ୍ପର୍କ ରଖିବା ସହିତ ସ୍ୱଚ୍ଛନ୍ଦ ଯୌନଜୀବନ ମଧ୍ୟ ନିର୍ବାହ କରୁଥିବା କଥା ସମାଜରେ ଆଉ ନୂତନ ବିଷୟ ହୋଇ ରହିନାହିଁ । ବିଶେଷତଃ କର୍ପୋରେଟ ଜୀବନଶୈଳୀଦ୍ୱାରା ପ୍ରଭାବିତ ହୋଇ ଏହା ଘଟିତ ହେଉଥିବା ଲକ୍ଷଣୀୟ । ଯୁବପିଢିଙ୍କ ମଧ୍ୟରେ ପୂର୍ଣ୍ଣସ୍ୱାଧୀନତା ଓ ସ୍ୱେଚ୍ଛାଚାରୀ ଜୀବନ ବଞ୍ଚିବାର ଏହା ଏକ ପରିବର୍ତ୍ତିତ ରୂପ ବୋଲି ମଧ୍ୟ କହିପାରିବା ।

ବିଶ୍ୱରେ ଏହି 'ଲିଭ୍ ଇନ୍' ରିଲେସନ୍' ପ୍ରସଙ୍ଗ ଷାଠିଏ ଦଶକ ବେଳକୁ ଦେଖାଦିଏ; ଯାହାର ପଛରେ ରୁହେ ଫ୍ରି-ଲଭ୍ (Free Love), ହିପ୍ପି କଲ୍ଚର୍ (Hippies Culture) ଭଳି ସାମାଜିକ-ସାଂସ୍କୃତିକ ଆନ୍ଦୋଳନ । ଷାଠିଏ ସତୁରୀ ଦଶକ ବେଳକୁ ହିପ୍ପି କଲଚର୍ ଯୁବକ-ଯୁବତୀ ଲମ୍ବାବାଳ ରଖି, ଫୁଲମାଳ ପିନ୍ଧି, ନୃତ୍ୟଗୀତର ତାଳେତାଳେ ମସ୍‌ଗୁଲ୍ ହୋଇ ବଡ଼ପାଟିରେ ଚିତ୍କାର କରି କହୁଥିଲେ- "My Body, My Rule"[୧] ଏଥିରେ କାହାର ପ୍ରତିବନ୍ଧକ ରହିବ ନାହିଁ । ୧୯୭୦ ମସିହାରେ ଜନ୍ ଲେନନ୍ (John Lennon) ନାକମ ବ୍ୟକ୍ତି 'Rolling Stone' ପତ୍ରିକାରେ ଇଣ୍ଟର୍‌ଭ୍ୟୁ ଦେଇ କହିଲେ- "Marriage is just piece of paper, stay together if you want, but never lose your freedom"[୨] ବିଶ୍ୱର ଏହିଭଳି ଏକ ସାମାଜିକ ଆନ୍ଦୋଳନ ଜନ୍ମଦିଏ 'ଲିଭ୍ ଇନ୍ ରିଲେସନ' ଭଳି ଘଟଣାକୁ; ଯାହାର ପରିଣତି ସ୍ୱରୂପ ୧୯୬୯ ମସିହାରେ ବ୍ରିଟେନ୍ ଯୁବକଗୋଷ୍ଠୀ କହିଲେ- "We will not marry, yet we will live together" ।[୩] ୧୯୭୧ ମସିହାରେ ବ୍ରିଟେନ ସରକାର ମଧ୍ୟ ତାଙ୍କ କଥାକୁ ସ୍ୱୀକାର କରିନେଇ ବୟସ୍କ ଯୁବକ-ଯୁବତୀ ଏକା ସାଙ୍ଗରେ ରହିବାର ଅନୁମତି ପ୍ରଦାନ କରିଥିଲେ ।

ଭାରତରେ ଲିଭ୍ ଇନ୍ ରିଲେସନ୍ ସମ୍ପର୍କ ନୂଆ ନୁହେଁ । ପୁରାଣ-ଶାସ୍ତ୍ରରେ ଏଭଳି ଅନେକ ପ୍ରସଙ୍ଗ ରହିଛି; ଯାହା ଲିଭ୍ ଇନ୍ ରିଲେସନ୍‌ର ସହ ସାମ୍ୟତା ରକ୍ଷା କରିଥାଏ । ବାତ୍ସାୟାନଙ୍କ 'କାମ ଶାସ୍ତ୍ର', ବ୍ୟାସଙ୍କ 'ମହାଭାରତ', ମନୁଙ୍କର 'ମନୁ ସଂହିତା'ରେ ଆଠପ୍ରକାର ବିବାହ ପ୍ରଚଳିତ ରହିଛି । ତନ୍ମଧ୍ୟରୁ 'ଗନ୍ଧର୍ବ ବିବାହ' ଅନ୍ୟତମ । ଉକ୍ତ ବିବାହରେ କୌଣସି ବୈଦିକ ରୀତି-ନୀତି, ବିଧି-ବିଧାନ, ହୋମ-ଯଜ୍ଞ ବା ପୂଜା-ଅର୍ଚ୍ଚନା କରାଯାଏ ନାହିଁ । ବିବାହ କରିବାକୁ ଚାହୁଁଥିବା ଯୁବକ-ଯୁବତୀ ମନ ମଧ୍ୟରେ ନିଜ ପ୍ରିୟତମକୁ ପତି ବା ପତ୍ନୀ ଭାବରେ ଗ୍ରହଣ କରିନେଲେ ତାଙ୍କର ବିବାହ ହୋଇଯାଏ । ସେତେବେଳେ ମୁନିଋଷିମାନେ ଏହାକୁ ମାନ୍ୟତା ପ୍ରଦାନ ମଧ୍ୟ ଦେଇଥିଲେ। ପୁରାଣରେ 'ଦୁଷ୍ମନ୍ତ-ଶକୁନ୍ତଳା', 'ଉଷା-ଅନିରୁଦ୍ଧ' ଏହି ବିବାହ କରିଥିବାର ଦେଖାଯାଏ । ପ୍ରାଚୀନ କାଳର 'ଗନ୍ଧର୍ବ ବିବାହ' ସହିତ ଆଧୁନିକ କାଳର 'ଲିଭ୍ ଇନ୍ ରିଲେସନ୍' ଅନେକ ମାତ୍ରାରେ ସାମ୍ୟତା ରକ୍ଷା କରିଥାଏ । ତେବେ ଭାରତରେ ଦେଖାଯାଉଥିବା ଲିଭ୍ ଇନ୍ ରିଲେସନ ପ୍ରସଙ୍ଗ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ପ୍ରଭାବିତ ହୋଇ ଦୃଷ୍ଟିଗୋଚର ହେଉଥିବା ମନେହୁଏ । କାରଣ ଭାରତରେ ମଧ୍ୟ ଯୁଗୀୟ ଓ ଔପନିବେଶିକ ସମୟ ବେଳକୁ 'ଗନ୍ଧର୍ବ ବିବାହ' ଲୁପ୍ତହୋଇ ସାରିଥିଲା । ଅତଏବ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ପ୍ରଭାବିତ ଏହି 'ଲିଭ୍ ଇନ୍ ରିଲେସନସିପ୍' ଭାରତରେ ବିଶେଷ କରି ୨୦୦୦ ମସିହା ପରେପରେ ଦେଖାଦେଇଥାଏ । ୨୦୦୫ ମସିହାରେ ପ୍ରଥମକରି 'ଲିଭ୍ ଇନ୍ ରିଲେସନକୁ ଆଇନଗତ ସ୍ୱୀକୃତି ମିଳିଛି । ଧାରା-୨୧ 'ଜୀବନ ଓ ବ୍ୟକ୍ତିଗତ ସ୍ୱତନ୍ତ୍ରତା ଅଧିକାର' (Right to life with dignity)ପରି ଏହା ମଧ୍ୟ 'ବ୍ୟକ୍ତିଗତ ଅଧିକାର' ବୋଲି କୋର୍ଟ ସ୍ୱୀକାର କରିବା ସହିତ ଲିଭ୍

ଇନ୍ ରିଲେସନକୁ ମାନ୍ୟତା ପ୍ରଦାନ କରିଛି । ୨୦୧୦ ମସିହା ଖୁସବୁ କେସ୍‌ରେ ସୁପ୍ରିମ କୋର୍ଟ ସ୍ପଷ୍ଟଭାବେ ରାୟ ଦିଏ ଯେ 'ଲିଭ୍ ଇନ୍ ରିଲେସନ୍' ଅପରାଧ ବା ପାପ ନୁହେଁ; ଜୀବନର ଏକ ଅଂଶ । ଏହାପରେ ଲିଭ୍ ଇନ୍ ରିଲେସନକୁ ନେଇ ଭାରତରେ ଏକ ପ୍ରକାର କୋହଳପଣ ଦେଖିହୁଏ ।(୪) ୨୦୨୦ ମସିହା Pew Research Centre ଅନୁଯାଇ ଭାରତର ୧୯% ଯୁବକ-ଯୁବତୀ ଲିଭ୍ ଇନ୍‌ରେ ରହିବାକୁ ପସନ୍ଦ କରୁଛନ୍ତି ।

**ବିଷୟ ବର୍ଣ୍ଣନା:**

ପ୍ରୋକ୍ତ 'ଲିଭ୍ ଇନ୍ ରିଲେସନ୍' ବା 'ଏକତ୍ର ସହବାସ' ପ୍ରସଙ୍ଗ ପ୍ରବୀଣା ମହାନ୍ତିଙ୍କ 'ନିବିଡ଼ ନିଃସ୍ୱନ'(୨୦୦୧), ଜଗଦୀଶ ମହାନ୍ତିଙ୍କ 'ଅଦୃଶ୍ୟ ସକାଳ'(୨୦୦୪), ବୀଣା ମହାପାତ୍ରଙ୍କ 'ହାଏ ଆମେରିକା'(୨୦୧୧), କମଳା ଶତପଥିଙ୍କର 'ମାୟା ନଗରୀର କୋଳେ'(୨୦୧୪), ଦେବବ୍ରତ ଦାସଙ୍କର 'ମାୟା'(୨୦୧୬), ସରୋଜିନୀ ସାହୁଙ୍କର 'ଦାଦନ'(୨୦୧୬), ପ୍ରତିଭା ରାୟଙ୍କ 'ଶେଷ ଈଶ୍ୱର'(୨୦୧୬)' ମନୋରମା ମିଶ୍ରଙ୍କର 'ଲିଭ୍‌ଇନ୍'(୨୦୧୮), ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କର 'ଅଣନାୟକ'(୨୦୨୦), ପ୍ରତିଭା ରାୟଙ୍କର 'ହୃଦୟଲଗ୍ନ'(୨୦୨୩) ପ୍ରଭୃତି ଉପନ୍ୟାସରେ ଦେଖାଯାଇ ପାରିବ । ଉକ୍ତ ସମସ୍ତ ଉପନ୍ୟାସ ମଧ୍ୟରୁ କେବଳ ମନୋରମା ମିଶ୍ରଙ୍କର 'ଲିଭ୍‌ଇନ୍' ଉପନ୍ୟାସରେ ଏକତ୍ର ସହବାସର ବିସ୍ତୃତ ବର୍ଣ୍ଣନ ଦେଖିବାକୁ ମିଳୁଥିବା ବେଳେ ଅନ୍ୟ ସମସ୍ତ ଉପନ୍ୟାସରେ ଆଂଶିକ ଭାବରେ ବର୍ଣ୍ଣିତ ହୋଇଥିବାର ଲକ୍ଷଣୀୟ ।

ପ୍ରବୀଣା ମହାନ୍ତିଙ୍କ 'ନିବିଡ଼ ନିଃସ୍ୱନ' ଏକ ସାମାଜିକ ଉପନ୍ୟାସ; ଯେଉଁଥିରେ ଡାକ୍ତର ସୁଲଗ୍ନାର ସେବା ମନୋଭାବ ପ୍ରସଙ୍ଗ ବର୍ଣ୍ଣିତ ହେବା ସହିତ ଧର୍ମାନ୍ତରୀକରଣ, ଏଡସ୍ ମହାମାରୀ, ଏକତ୍ର ସହବାସ ଭଳି ପ୍ରସଙ୍ଗକୁ ଲକ୍ଷ୍ୟ କରାଯାଇପାରିବ । ଉପନ୍ୟାସରେ ଭିକ୍ଟର ଏକ ବୋହେମିଆନ୍ ଚରିତ୍ର; ଯିଏ ଭାରତକୁ ପର୍ଯ୍ୟଟକ ଭାବରେ ଆସି କ୍ରିଷ୍ଟିନ୍ ସହିତ ପ୍ରେମ ବନ୍ଧନରେ ଆବଦ୍ଧ ହୋଇଛି । କ୍ରିଷ୍ଟିନ୍ ସହିତ ଏକତ୍ର ସହବାସ କରି ଶାରୀରିକ ସମ୍ପର୍କ ରଖିଛି; ମାତ୍ର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଚାହେଁନାହିଁ । କ୍ରିଷ୍ଟିନ୍‌ର ବିବାହ ପ୍ରସ୍ତାବକୁ ସହଜରେ ମନା କରିଦେଇଛି । କ୍ରିଷ୍ଟିନ୍ ଭାଷାରେ, "ବୋହେମିଆନ୍ ଲାଇଫ୍ ତାଙ୍କର ପସନ୍ଦ ଥିଲା। ଯାହା ଯେତେବେଳେ ମନ ଚାହିଁବ କରିବ-ଯୁଆଡେ ମନ ଯିବ-ଯାହା ଭଲ ଲାଗିବ-ଯାହାଇଚ୍ଛା ସେଇଆ କରିବ । ନିଜ ଇଚ୍ଛାରେ ଜୀବନ ବଞ୍ଚିବ-ଜୀବନର ସମସ୍ତ ଉପଲବ୍ଧିକୁ ପ୍ରାଣଭରି ଉପଭୋଗ କରିବ। କ୍ରିଷ୍ଟିନ୍‌କୁ ସେ ଭଲପାଆନ୍ତି, ପସନ୍ଦ କରନ୍ତି । ତା' ସହିତ ଏକାଠି ରହିପାରିବେ ସେ । କିନ୍ତୁ ପତ୍ନୀ ଭାବରେ ନୁହେଁ । କେବଳ ଲିଭ୍ ଇନ୍ ପାର୍ଟନର୍ ଭାବରେ"(୫) । ଉପନ୍ୟାସରେ ଭିକ୍ଟର ଦାୟିତ୍ୱହୀନ ଚରିତ୍ର; ଯିଏ କୌଣସି ବନ୍ଧନରେ ବାନ୍ଧି ହେବାକୁ ଚାହେଁନାହିଁ । ସେ ଚାହେଁ ଅପାର ସ୍ୱାଧୀନତା । ଯେଉଁ ସ୍ୱାଧୀନତା ପାଇଁ ସେ ଯେ କୌଣସି କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହୋଇନାହିଁ । ତେଣୁ କ୍ରିଷ୍ଟିନ୍ ଗର୍ଭବତୀ ହେବାରୁ ସେ ଭ୍ରୁଣହତ୍ୟାର ପ୍ରସ୍ତାବ ଦେଇଛି; ଏବଂ କ୍ରିଷ୍ଟିନ୍ ତା' ପ୍ରସ୍ତାବ ସମ୍ମତ ନହେବାରୁ ସେ ଅନ୍ୟତ୍ର ଚାଲିଯାଇଛି । କ୍ରିଷ୍ଟିନ୍ ଏକୁଟିଆ ନବଜାତ ଶିଶୁକନ୍ୟାକୁ ଜନ୍ମକରି ଲାଳନ-ପାଳନ କରିଛି ।

ଉପନ୍ୟାସରେ ଦୁଇଟି ବିଦେଶୀ ଚରିତ୍ର ଭିକ୍ଟର ଓ କ୍ରିଷ୍ଟିନ୍; ମାତ୍ର ଉଭୟଙ୍କର ବିଚାରଧାରାରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ଜଣେ ଭାରତୀୟ ସଂସ୍କୃତି, ଆଦର୍ଶ, ପରମ୍ପରାରେ ବିବାହ କରି ପାରିବାରିକ ବନ୍ଧନରେ ଆବଦ୍ଧ ହେବାକୁ ଚାହୁଁଥିବା ବେଳେ ଅନ୍ୟଜଣେ

ବିଦେଶୀ ପରମ୍ପରାକୁ ବହନ କରି ଅପାର ସ୍ୱାଧୀନତା ଚାହେଁ । ଯେଉଁ ସ୍ୱାଧୀନତାର ଖଣ୍ଡନରେ ସେ ପଳାୟନପନ୍ଥୀ ସାଜିବାକୁ କୁଣ୍ଠାବୋଧ କରିନାହିଁ ।

ସେହିପରି ଜଣେ ନାରୀର ଯୌନକାଂକ୍ଷା, ମାତୃତ୍ୱପୀଡ଼ା ଓ ତଦ୍‌ଜନିତ ଲିଭ୍‌ଇନ୍ ରିଲେସନ୍ ଭଳି ପ୍ରସଙ୍ଗ ଲକ୍ଷ୍ୟ କରିହୁଏ ଜଗଦୀଶ ମହାନ୍ତିଙ୍କ 'ଅଦୃଶ୍ୟ ସକାଳ'ରେ । ଉପନ୍ୟାସରେ ଆଲୋକ ଜଣେ ବୈଜ୍ଞାନିକ; ଯିଏ ପୃଥିବୀର ପ୍ରଥମ କ୍ଲୋନ୍‌ଶିଶୁ ଜନ୍ମଦାତା ପରିଚିତ ହେବାର ଆଶା ରଖି ଗବେଷଣା କରୁଛି । ଯଦି ଏହା ସେ କରିପାରେ ତେବେ ସେ ଭଗବାନଙ୍କ ସମକକ୍ଷ ହୋଇପାରିବ । କାରଣ ଭଗବାନଙ୍କ ବ୍ୟତୀତ ଅନ୍ୟ କେହି ଜୀବନଦାନ କରିପାରିବେ ନାହିଁ । ତେଣୁ ସେ ଦିନରାତି ନିଜ ଗବେଷଣାରେ ଲାଗିରହି ପତ୍ନୀ ଗାୟତ୍ରୀକୁ ମଧ୍ୟ ସମୟ ଦେଇପାରେ ନାହିଁ । ଗାୟତ୍ରୀର ଯେ ଗୋଟିଏ ମନ ଅଛି, ଦେହ ଅଛି, ସେକଥା ଭୁଲିଯାଇଛି; କିନ୍ତୁ ଗାୟତ୍ରୀକୁ ସେ ଅଯୌନସମ୍ଭୁତ ଶିଶୁ ଉପହାର ଦେବାପାଇଁ କଥାଦେଇଛି । ଗାୟତ୍ରୀ କିନ୍ତୁ ଏଥିରେ ଖୁସି ହୋଇପାରେ ନାହିଁ । ସେ ଚାହେଁ ସମ୍ଭୋଗ, ମାତୃତ୍ୱ । ନାରୀ-ପୁରୁଷର ମିଳନରୁ ସୃଷ୍ଟି ଏକ ଜୀବନ୍ତ ଶିଶୁ । ବିନା ଯୌନକ୍ରିୟାରେ ଅଯୌନ ଶିଶୁ ବା କ୍ଲୋନ୍‌ଶିଶୁ ଜନ୍ମ କରିବାରେ ତା'ର ଟିକିଏ ହେଲେ ଇଚ୍ଛାନାହିଁ; ମାତ୍ର ଶତ ଚେଷ୍ଟାକରି ସ୍ୱାମୀ ଆଲୋକକୁ ନିଜ କଥାରେ ସମ୍ମତ କରେଇନପାରିବାରୁ ସେ ଘରଛାଡି ଚାଲିଆସିଛି; ଏବଂ କଲେଜ ସାଙ୍ଗ ସଙ୍କେତ ସହ ଲିଭ୍‌ଇନ୍ ରିଲେସନରେ ରହିବା ସହିତ ଫର୍ଟିଲିଟି ସେଣ୍ଟରରେ କାମ କରିଛି । ପରବର୍ତ୍ତୀ ସମୟରେ ଲକ୍ଷ୍ୟ କରିହୁଏ ଗାୟତ୍ରୀ କ୍ଲୋନ୍‌ଶିଶୁ ଜନ୍ମ ହେବାପରେ ପୁନଶ୍ଚ ଆଲୋକ ପାଖକୁ ଫେରିଆସିଛି; ମାତ୍ର କ୍ଲୋନ୍‌ଶିଶୁ ଶୁଭମ୍ ପୃଥିବୀର ବାହ୍ୟ ପରିବେଶ ସହ ସଂଘର୍ଷ କରିନପାରି ମୃତ୍ୟୁବରଣ କରିଛି ।

ଉପନ୍ୟାସରେ ଲକ୍ଷ୍ୟକରି ହୁଏ ଗୋଟିଏ ପଟେ ଆଲୋକ ନିଜ ଗବେଷଣାରେ ମସଗୁଲ୍ ହୋଇ କ୍ଲୋନ୍ ଶିଶୁର ଜନ୍ମପାଇଁ ବ୍ୟସ୍ତ ଥିବାବେଳେ ଅନ୍ୟପଟେ ଗାୟତ୍ରୀ ଯୌନ ଓ ମାତୃତ୍ୱପାଇଁ ହୋଇଛି ଛଟପଟ । ତା' ପାଖରେ ସ୍ୱାମୀର କ୍ଲୋନ୍ ଶିଶୁ ଉଦ୍ଭାବନର କୌଣସି ଗୁରୁତ୍ୱ ନାହିଁ । ସେ ଚାହିଁଛି ଯୌନତା, ଶୃଙ୍ଗାର । ଲେଖକ ଭାଷାରେ-" ଗାୟତ୍ରୀ ପାଖରେ ଏ ସବୁ ମୂଲ୍ୟହୀନ ଥିଲା । ତା' ପାଖରେ ସେକ୍‌ସ, ସେକ୍‌ସ, ସେକ୍‌ସ ଛଡ଼ା ଦୁନିଆଟା ଅର୍ଥହୀନ । ଅଥଚ ସେକ୍ ନଥାଇ ସୁଦ୍ଧା ଜୀବନ ପ୍ରକ୍ରିୟାରେ ଜନ୍ମ ସମ୍ଭବ-ଏକଥା ବୁଝିବାକୁ ଗାୟତ୍ରୀ ପ୍ରସ୍ତୁତ ନଥିଲା । ତା' ପାଖରେ ସେକ୍‌ସଠୁ ପବିତ୍ର କିଛି ନାହିଁ । କାରଣ ସେକ୍‌ରୁ ହିଁ ଆରମ୍ଭ ସୃଷ୍ଟିର ପ୍ରଥମ ପ୍ରକ୍ରିୟା।"[୬] ଏହି ସେକ୍ ଅଭାବ ହିଁ ତାକୁ ଘର ଛାଡିବାକୁ ବାଧ କରିଛି, ଏବଂ ବନ୍ଧୁ ସଙ୍କେତ ସହ ଲିଭ୍ ଇନ୍‌ରେ ରହିବାକୁ ପ୍ରେରିତ କରିଛି । ସେହିଭଳି ବୀଣା ମହାପାତ୍ରଙ୍କ 'ହାଏ ଆମେରିକା' ଉପନ୍ୟାସରେ ସୀତାଂଶୁ ଓ ଅଲିଭ ଗୋଟିଏ କମ୍ପାନୀରେ ରହି କାମ କରିବା ସହିତ ଏକତ୍ର ସହବାସ କରିଛନ୍ତି । ଅଲିଭ ଗୋଟିଏ ସ୍ୱାମୀ ପରିତ୍ୟକ୍ତା ନାରୀ; ଯିଏ ସୀତାଂଶୁକୁ ଗବେଷଣା କାର୍ଯ୍ୟରେ ସାହାଯ୍ୟ କରିବା ସହିତ ତା' ସହିତ ଗୋଟିଏ ଫ୍ଲାଟରେ ରୁହେ । ତା' ସହିତ ଶାରୀରିକ ସମ୍ପର୍କ ରଖେ । ସ୍ତ୍ରୀ' ଭଳି ରୋଷେଇ କରେ, ଘରର ଅନ୍ୟାନ୍ୟ କାମ କରେ ଓ ଗବେଷଣାରେ ସାହାଯ୍ୟ କରେ।[୭] ଆମେରିକାରେ ଏଭଳି ଜୀବନକୁ ବହୁଲୋକ ପସନ୍ଦ କରିଥାନ୍ତି । ଯେତେଦିନ ସେମାନଙ୍କର ମନ ମିଳିଥାଏ ସାଥିରେ ରହିଥାନ୍ତି; ନଚେତ୍ ଅଲଗା ହୋଇଯାଆନ୍ତି । ଲେଖକ ଭାଷାରେ,"ଇଏ ଆମେରିକା । ଏଠି ବିବାହର ଆବଶ୍ୟକତା ବହୁତ୍ କମ୍ । ଏମିତି ଭାବରେ ଚଳିବାକୁ ଏଠିକା ଲୋକ ପସନ୍ଦ କରନ୍ତି ବେଶୀ । ଯେତେଦିନ ମନ ମାନିଲା ଏକାଠି ରହିବେ, ଯୋଉଦିନ ଚାହିଁବେ ଅଲଗା ହୋଇଯିବେ । କୋର୍ଟ କଚେରୀର କିଛି ଝାମେଲା ନାହିଁ।"[୮]

ଅନୁରୂପ ଭାବେ କମଳା ଶତପଥୀଙ୍କ 'ମାୟା ନଗରୀ କୋଳେ' ଉପନ୍ୟାସରେ ବୃଦ୍ଧ ନୀଲେଶ ପଣ୍ଡିତ ମାଧ୍ୟମରେ ଏକତ୍ର ସହବାସ ପ୍ରସଙ୍ଗ ଲକ୍ଷିତ ହୋଇଥାଏ । ଉପନ୍ୟାସରେ ନୀଲେଶ ପଣ୍ଡିତ ବିପତ୍ନୀକ; ଯୌବନାବସ୍ଥାରେ ପତ୍ନୀ ଆରପାରିକି ଚାଲିଯାଇଛି । ସେ ଏକୁଟିଆ ନିଜର ସନ୍ତାନମାନଙ୍କୁ ଯୋଗ୍ୟକରି ପାରିବାରିକ ଦାୟିତ୍ୱ ତୁଲାଇଛନ୍ତି । କଠିନ ପରିଶ୍ରମ କରି ବହୁଅର୍ଥ ରୋଜଗାର କରିଛନ୍ତି; ମାତ୍ର ଏକୁଟିଆ ହୋଇଯାଇଛନ୍ତି ବୃଦ୍ଧାବସ୍ଥାରେ । ତାଙ୍କର ବୃଦ୍ଧାବସ୍ଥାକୁ ବାଣ୍ଟିବାପାଇଁ ପାଖରେ କେହିନାହାଁନ୍ତି । ପୁଅ-ଝିଅ ଚାକିରି କରି ଦେଶ-ବିଦେଶରେ ରହିଛନ୍ତି । ଯାହାଙ୍କ ପାଇଁ ପରିଶ୍ରମ କରି ଟଙ୍କା ରୋଜଗାର କରିଛନ୍ତି, ସେମାନେ ତାଙ୍କୁ ଏକୁଟିଆ ଛାଡି ଚାଲିଯାଆନ୍ତି । କେବଳ ଟଙ୍କାଛଡା ପାଖରେ କେହି ରହି ନାହାନ୍ତି: "ଟଙ୍କା ଜୀବନରେ ବହୁତ କିଛି ଦେଇପାରେ ସତ, ହେଲେ ସବୁକିଛି ନୁହେଁ" ।[୯] ଟଙ୍କା ବ୍ୟତୀତ ମଣିଷର ବହୁ ଆବଶ୍ୟକତା ରହିଛି; ଯାହା ପୂରଣ ହେବା ନିତାନ୍ତ ଆବଶ୍ୟକ । ତେଣୁ ପଣ୍ଡିତ ନିଜର ନିଃସଙ୍ଗପଣ ଓ ଦୈହିକ ଆବଶ୍ୟକତାକୁ ପୂରଣ କରିବାପାଇଁ ପରିବାର, ସମାଜକୁ ଖାତିର ନକରି ନିଜ ନାତୁଣୀ ବୟସର ଝିଅ ରୁକ୍ମିଣୀ ସହିତ ବିବାହ ନକରି ଏକତ୍ର ସହବାସ କରିଛନ୍ତି । ରାଧାନାଥବାବୁ ଉଭୟଙ୍କୁ ଦେଖି ବିଶ୍ୱାସ କରିପାରନ୍ତି ନାହିଁ। ତେଣୁ ଦେଶପାଣ୍ଡେ କୁହେ- "ଆଜିକାଲି ସବୁଆଡ଼େ ସେମିତି ଚାଲିଛି । ମାନେ ସମ୍ପର୍କର ଉଷ୍ମତା କୁଆଡ଼େ ହଜି ଯାଇସାରିଲାଣି। ଏବେ ଯାହା ଦେଖୁଛ, ସେସବୁ ସ୍ୱାର୍ଥ ଉପରେ ପର୍ଯ୍ୟବେଶୀତ । ନା, ଅଛି ବନ୍ଧନର ମଧୁରତା ନା ବି ଦାୟିତ୍ୱ । କେବଳ ଖେଳ ଚାଲିଛି ଶରୀରର ଆବଶ୍ୟକତାକୁ ନେଇ"। [୧୦] ନାରୀ ହେଉ କି ପୁରୁଷ, ଜୀବନରେ ଗୋଟିଏ ସମୟ ଉପନୀତ ହେବା ପରେ ସେ ଖୋଜେ ଗୋଟେ ସାଥୀର । ଯାହା ସହିତ ସେ ନିଜର ସୁଖ-ଦୁଃଖ ବାଣ୍ଟିପାରିବ, ଭଲ-ମନ୍ଦ ଦି'କଥା ହୋଇପାରିବ ଓ ଆବଶ୍ୟକ ସମୟରେ ନିଜର ଦେହର କ୍ଷୁଧାକୁ ପ୍ରଶମିତ କରିପାରିବ । ବୃଦ୍ଧ ନୀଲେଶ ପଣ୍ଡିତ ସେହିପରି ଏକ ସାଥୀର ଆବଶ୍ୟକ ମନେକରି ରୁକ୍ମଣୀ ସହ ଲିଭ୍ଇନ୍‌ରେ ରହିଛନ୍ତି ।

ଅନୁରୂପ ଭାବେ ପ୍ରେମ, ପ୍ରଣୟ, ଶୃଙ୍ଗାର ଓ ଲିଭ୍ ଇନ୍‌ର ପ୍ରସଙ୍ଗ ଦେଖିବାକୁ ମିଳେ ଦେବବ୍ରତ ଦାସଙ୍କ 'ମାୟା' ଉପନ୍ୟାସରେ । ଉପନ୍ୟାସରେ ଅଭିଜିତ୍ ଓ ଆଦ୍ୟାଶା ଗୋଟିଏ କମ୍ପାନୀରେ କାମ କରୁଥିବା ସମୟରେ ସାକ୍ଷାତ, ପ୍ରେମ ଓ ପ୍ରେମରୁ ଲିଭ୍ଇନ୍ ରିଲେସନ୍‌ସିପ୍ ରେ ରହିବାର ନିଷ୍ପତି ନେଇଥାଆନ୍ତି । ତାଙ୍କ ମତରେ, "ଯଦି ପ୍ରେମ ପଛରେ କିଛି କାରଣ ରହିଲା ତେବେ ସେଇଟା ପ୍ରେମ କେମିତି ହେଲା । ଦୁହେଁ ଦୁହିଁକୁ ବିନା ସର୍ତ୍ତରେ କେବଳ ଭଲପାଉ । ଆମେ ପ୍ରଥମରୁ ନିଷ୍ପତି ନେଇଥିଲୁ ଯେ ଆମପାଇଁ ପ୍ରେମ କେବେ ବି ଗୋଟେ ବନ୍ଧନ ହେବନାହିଁ । ଆମେ ଦୁଇଜଣ ଯାକ ଜାଣୁ ଯେ ପ୍ରେମରେ ଫ୍ରିଡମ୍, ଇଣ୍ଡିଭିଜୁଆଲ୍ ସ୍ପେସ୍, ବ୍ରୋଡ୍‌ନେସ୍ ଆଉ ସେକ୍ସ୍ ରହିବା ଜରୁରୀ । ଏବଂ ବାହାଘର କେବଳ ଦେହ ଓ ସଂସାର କଥା । ଆମ ଭିତରୁ କେହିବି ତା' ଭିତରକୁ ପଶିବାକୁ ଚାହୁଁନା । ତେଣୁ ଡିସାଇଡ୍ କଲୁ ଯେ ଲିଭ୍ ଇନ୍ ରିଲେସନ୍‌ସିପ୍‌ରେ ରହିବୁ" ।[୧୧] କ୍ରମେ ଉଭୟଙ୍କ ସମ୍ପର୍କରେ ଆସିଛି ସମସ୍ୟା । ଅଭିଜିତ ବାଇକ୍ ଆକ୍‌ସିଡେଣ୍ଟରେ ତା'ର ଗୋଟିଏ ଗୋଡ଼ କଟିଯାଇଛି । ବନ୍ଧୁ ପ୍ରିୟାଂଶୁ ଓ ଆଦ୍ୟାଶା ତା'ର ସେବା-ଶୁଶ୍ରୁଷା କରିଛନ୍ତି । ଧୀରେ ଧୀରେ ଆଦ୍ୟାଶାକୁ ଅଭିଜିତର ସେବା କରିବା ବିରକ୍ତିଭାବ ଆଣିଦିଏ ଏବଂ ନିକଟତର ହୋଇଯାଏ ପ୍ରିୟାଂଶୁ ସହିତ । ଉଭୟ ଉଭୟଙ୍କୁ ଭଲପାଇ ବସନ୍ତି । ରାତିରେ ଅଭିଜିତ ଶୋଇଥିବା ବେଳେ ଉଭୟ ଦେଖା କରିଛନ୍ତି । ଶାରୀରିକ ସମ୍ପର୍କ ରଖିଛନ୍ତି । ମାତ୍ର ଏ ସମ୍ପର୍କର ଶେଷ ପରିଣତି କ'ଣ ହୋଇଛି ଲେଖକ ସୂଚିତ କରିନାହାନ୍ତି ।

ଉପନ୍ୟାସରେ ଲକ୍ଷ୍ୟ କରିହୁଏ ଅଭିଜିତ ଓ ଆଦ୍ୟାଶା ପରସ୍ପରକୁ ଭଲପାଇ ଲିଭ୍ ଇନ୍ ରିଲେସନରେ ରହିଥିଲେ ହେଁ ଅଭିଜିତର ଅପଙ୍ଗ ହେବା ଆଦ୍ୟାଶା ମନରେ ସୃଷ୍ଟି କରିଛି ଅସୂୟାଭାବ । ଦୀର୍ଘ ଛଅମାସ ଧରି ଅଭିଜିତର ସେବା; ତା' ପକ୍ଷେ କଷ୍ଟକର ହୋଇପଡିଛି; ଏବଂ ଅଜାଣତରେ ସେ ଭଲପାଇ ବସେ ପ୍ରିୟାଂଶୁକୁ । ଯଦିଓ ଆଦ୍ୟାଶା ଭଲଭାବେ ଜାଣେ ଯେ ସେ ଅଭିଜିତକୁ ଧୋକା ଦେଉଛି; ମାତ୍ର ନିଜ ମନକୁ ନିୟନ୍ତ୍ରଣ କରିପାରେ ନାହିଁ ଏବଂ ପ୍ରିୟାଂଶୁ ସହିତ ମିଳାମିଶା କରିଛି । ଉପନ୍ୟାସରେ ଦେଖିହୁଏ ଅଭିଜିତ, ଆଦ୍ୟାଶ ଓ ପ୍ରିୟାଂଶୁର ଟ୍ରାଏଙ୍ଗଲ୍ ଲଭ୍‌ର ପରିଣତି କ'ଣ ହୋଇଛି; ଲେଖକ ସେ ବିଷୟରେ ନିରବ ରହିଛନ୍ତି । ଆଦ୍ୟାଶା ଅଭିଜିତ ଘରେ ରହି ତା'ର ଅନିଚ୍ଛା ସତ୍ତ୍ୱେ ସେବା କରିବା ସହିତ ପ୍ରିୟାଂଶୁ ସହିତ ସମ୍ପର୍କ ରଖିଛି ।

ସେହିପରି ସରୋଜିନୀ ସାହୁଙ୍କ 'ଦାଦନ' ଉପନ୍ୟାସରେ ମୋନାଲିସା ଓ ଅଂଶୁ ବିଭିନ୍ନ କମ୍ପାନୀରେ ଚାକିରି କରିବା ସହିତ ଫ୍ଲାଟ୍ ସେୟାରିଂ କରି ଏକତ୍ର ସହବାସ କରିଛନ୍ତି । ଉପନ୍ୟାସରେ ମୋନାଲିସା ବାଙ୍ଗାଲୋରକୁ ଚାକିରି ଅନ୍ୱେଷଣରେ ଯିବା ସମୟରେ ଅଂଶୁ ସହ ଦେଖା, କଥାବାର୍ତ୍ତା କରି ବନ୍ଧୁତା ସ୍ଥାପନ କରିଛି । ପରେ ବାଙ୍ଗାଲୋରରେ ଆଶାନୁରୂପ ଚାକିରି ନପାଇବାରୁ ସେ ଅଂଶୁ ସହିତ ଗୋଟିଏ ଫ୍ଲାଟରେ ରହିଛି । ଗୋଟିଏ ଫ୍ଲାଟରେ ରହିବା ଭିତରେ ଉଭୟଙ୍କ ଭିତରେ ଶାରୀରିକ ସମ୍ପର୍କ ସୃଷ୍ଟି ହୋଇଛି । ସେମାନେ ଲିଭ୍ ଇନ୍‌ରେ ରହିବା ଆରମ୍ଭକରିଛନ୍ତି; ମାତ୍ର ଅଂଶୁ ଧୀରେଧୀରେ ମୋନାଲିସାକୁ ସନ୍ଦେହ କରେ, ତା'ର ସ୍ୱାଧୀନତା ଉପରେ କଟକଣା ଲଗାଏ, ନିଜର ପ୍ରଭୁତ୍ୱ ଜାହିର କରେ । ଯାହା ମୋନାଲିସାକୁ ଭଲ ଲାଗେନାହିଁ । ମୋନାଲିସା ଭାବେ -"କଉ ଅଧିକାରରେ ଅଂଶୁ ତା ଉପରେ ମାଲିକାନା ଦେଖାଉଥିଲା । ଦୁର୍ଦ୍ଦିନରେ ଆଶ୍ରୟ ଦେଇଥିଲା ବୋଲି? ନା ଦେହଟାକୁ ଭୋଗ କରିଥିଲା ବୋଲି । ଦେହଭୋଗ ତ ଦୁହିଁଙ୍କର ସମ୍ମତିରେ ସମ୍ଭବ ହୋଇଥିଲା । କେହି ଯାଚି ନଥିଲା କି ମାଗି ବି ନଥିଲା । କେହି ଜବରଦସ୍ତି କରିନଥିଲା କି ଅନିଚ୍ଛାରେ ଗ୍ରହଣ କରିନଥିଲା । ଅନେକ ପ୍ରବୃତ୍ତି ପରି ତା ଥିଲା ସ୍ୱତଃସ୍ଫୂର୍ତ୍ତ । କେହି କାହା ଉପରେ ଦୋଷାରୋପ କରିବାର ନଥିଲା କି ବୋଝହେଇ ଚାପି ବସିବାର ପ୍ରଶ୍ନ ନଥିଲା । ତଥାପି କେଉଁ ଅଧିକାରରେ ସେ ତା ହାତକୁ ହିଂସ୍ରପରି ମୁଠେଇ ଧରିଲା?"[୧୨] ଏ ଘଟଣା ପରେ ମୋନାଲିସା ଓ ଅଂଶୁ ଭିତରେ ଫାଟ ସୃଷ୍ଟି ହୁଏ ଏବଂ ସେମାନେ ଅଲଗା ହୋଇଯାଇଛନ୍ତି ।

ଉପନ୍ୟାସରେ ମୋନାଲିସା ଓ ଅଂଶୁର ଶାରୀରିକ ସମ୍ପର୍କ ସୃଷ୍ଟି ହେବାପରେ ଅଂଶୁ ମୋନାଲିସାକୁ ମନେମନେ ନିଜର ପ୍ରେମିକା, ପତ୍ନୀ ଭାବରେ ଗ୍ରହଣ କରିନେଇଛି; ଏବଂ ମୋନାଲିସାକୁ ନେଇ ସେଭଳି ଅଧିକାର ଜାହିର କରିଛି । ଯଦିଓ ଉଭୟଙ୍କ ମଧ୍ୟରେ ସେଭଳି କିଛି ବାର୍ତ୍ତାଳାପ ହୋଇନାହିଁ । କେବଳ ସ୍ୱାଭାବିକ ସ୍ଥିତିରେ ଉଭୟଙ୍କ ଶାରୀରିକ ସମ୍ପର୍କ ସ୍ଥାପିତ ହୋଇଛି । ମୋନାଲିସାକୁ ଅଂଶୁର ଏ ଅଧିକାର ଜାହିର କରିବା, ପ୍ରେମିକା ପରି ପ୍ରତି କଥାରେ ଆପତ୍ତି କରିବା ଆଦୌ ଭଲଲାଗେ ନାହିଁ । ସେ ଚାହେଁ ସ୍ୱାଧୀନତା; ଯେଉଁଥିପାଇ ସେ ଅଂଶୁଠାରୁ ଦୂରେଇ ଆସିଛି । ସେହିପରି ପ୍ରତିଭା ରାୟଙ୍କ 'ଶେଷ ଈଶ୍ୱର' ଉପନ୍ୟାସରେ ନାୟକ ମାସାକ୍ ଗବେଷଣା ନିମିତ୍ତ କାନାଡ଼ା ଯାଇଛି । ସେଇଠି ତା'ର ପରିଚୟ ହୋଇଛି ଫିନିକ୍ସ ସହିତ । ଫିନିକ୍ସ କାନାଡ଼ାର ୱେଲ୍‌ଫେୟାର ସହରରେ ରିଚାର୍ଡ ସହିତ ଲିଭ୍ ଇନ୍‌ରେ ରହେ । ବାରବର୍ଷ ବୟସରେ ବାପା-ମାଠାରୁ ଦୂରେଇ ଗଲାପରେ ରିଚାର୍ଡ ସହ ଦେଖାହୁଏ । ପ୍ରଥମ ଦେଖାରୁ ହିଁ ସେମାନେ ଭଲ ପାଇଁ ଲିଭ୍ ଇନ୍‌ରେ ରହିଛନ୍ତି । ମାତ୍ର ଯେଉଁଦିନ ରିଚାର୍ଡ ଅସାମାଜିକ କାର୍ଯ୍ୟରେ ଲିପ୍ତହୋଇ ଜେଲଯାଇଛି; ସେହିଦିନଠାରୁ ଫିନିକ୍ସ ରିଚାର୍ଡ ସହିତ ରହିବାକୁ ପସନ୍ଦ କରେନାହିଁ । ପୁଅ ଲିଙ୍କନକୁ ଏକ ସୁସ୍ଥ, ସୁରକ୍ଷିତ ଭବିଷ୍ୟତ ଦେବାକୁ ଚାହେଁ; ଯେଉଁଥିପାଇଁ ସେ ରିଚାର୍ଡଠାରୁ ଦୂରେଇ ଯାଇଛି ।

ଉପନ୍ୟାସରେ ଲକ୍ଷ୍ୟ କରିହୁଏ ଫିନିକ୍ସ ଲିଭ୍ ଇନ୍ ରିଲେସନରେ ରହିବାର କାରଣ ହେଉଛି ବାପା-ମା'ର ପାରିବାରିକ କଳହ । ବାପା-ମାର କଳହକୁ ସେ ଛୋଟବେଳୁ ଦେଖିଆସିଛି । ତେଣୁ ସେ ବିବାହ ନକରିବାକୁ ନିଷ୍ପତି ନେଇଛି । ଉପନ୍ୟାସରେ ତା'ର ବାପା ଏକ ସ୍କାମ୍ ଆର୍ଟିସ୍ । ବୋଟ୍‌ହାଉସ୍‌ରେ ସ୍କାମ୍‌କରି ସେ ନିଜର ବେପରୱା ଜୀବନ ବଞ୍ଚିଥାନ୍ତି । ସେ ଘରକୁ ଆସନ୍ତି ନାହିଁ । ଓଣ୍ଟାରିଓ ଲେକ୍‌ର ବୋଟ୍‌ହାଉସ୍‌ରେ ହିଁ ବସବାସ କରିଥାନ୍ତି । ବୋଟ୍ ଭିତରେ ମନୋରଞ୍ଜନର ସମସ୍ତ ଉପାଦାନ ରହିଛି । ମଦ୍ୟପାନ କରିବାଠୁ ଆରମ୍ଭ କରି ଝିଅମାନଙ୍କ ସହିତ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିବା ପର୍ଯ୍ୟନ୍ତ ସବୁ ସୁବିଧା ବୋଟ୍ ଭିତରେ ମହଜୁଦ୍ ଅଛି । ତେଣୁ ତା'ର ବାପା ଘରକୁ ନଯାଇ ବୋଟ୍ ଭିତରେ ରହିଥାନ୍ତି । ଝିଅମାନଙ୍କ ସହିତ ନୃତ୍ୟ ପରିବେଷଣ କରିବା ସହିତ ଶାରୀରିକ ସମ୍ପର୍କ ରଖନ୍ତି । ଅନ୍ୟପଟେ ଫିନିକ୍ସର ମା'କୁ ଦେଖିହୁଏ ଯିଏ ସ୍ୱାମୀର ଅନୁପସ୍ଥିତି ତାକୁ ଯନ୍ତ୍ରଣା ଦେଇଛି । ଅତଏବ ସେ ମଧ୍ୟ ନିଜର ବୟଫ୍ରେଣ୍ଡମାନଙ୍କୁ ଘରକୁ ଡାକି ମଦ୍ୟପାନ କରିଛନ୍ତି, ଫିନିକ୍ସକୁ ଗୋଟିଏ କୋଠରିରେ ବନ୍ଦ କରିଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଛନ୍ତି । ଫଳତଃ ବାପା- ମା ଭିତରେ କଳି-ଝଗଡା ହୋଇଛି, ମାର୍ ପିଟ୍ ହୋଇଛି । ଫିନିକ୍ସ ଏସବୁ ଘଟଣା ନିଜ ଆଖିରେ ଦେଖି ବଡ଼ ହୋଇଥିବାରୁ ସେ ବିବାହକୁ ଘୃଣା କରିଛି; ଏବଂ ରିଚାର୍ଡ ସହିତ ଲିଭ୍ ଇନ୍‌ରେ  ରହିଛି । ସେହିପରି ଯୁବପିଢିର ବନ୍ଧନହୀନ ଓ ଦାୟିତ୍ୱହୀନ ଜୀବନ ଲକ୍ଷ୍ୟ କରିହୁଏ ମନୋରମା ମିଶ୍ରଙ୍କର 'ଲିଭ୍‌ଇନ୍' ଉପନ୍ୟାସରେ । ଉପନ୍ୟାସରେ ଲିଭ୍ ଇନ୍‌କୁ ନେଇ ଦୁଇଯୋଡ଼ା ପ୍ରେମୀଯୁଗଳ ରଞ୍ଜିତା ଓ ସୌରଭ ଏବଂ ପୂର୍ଣ୍ଣଚନ୍ଦ୍ର ଓ ସ୍ୱପ୍ନା ମାଧ୍ୟମରେ ଦେଖିହବ ବଦଳୁଥିବା ସଂସ୍କୃତି ଓ ପରମ୍ପରାକୁ ।  ଉପନ୍ୟାସରେ ରଞ୍ଜିତା ଚନ୍ଦନକୁ ବିବାହ କରି 'ପୁପୁନ' ନାମରେ ଏକ ପୁତ୍ରସନ୍ତାନ ଜନ୍ମ କରିଛି; ମାତ୍ର ବିବାହର କିଛିବର୍ଷ ଗଲାପରେ ରଂଜିତା ଆଉ ଚନ୍ଦନ ସହିତ ରହିବାକୁ ଚାହେଁନାହିଁ; କାରଣ ସେ ପ୍ରେମିକ ସୌରଭକୁ ଭଲପାଏ ଏବଂ ତା' ସହିତ ଏକତ୍ର ରହିବାକୁ ଚାହେଁ । କୌଣସି ବନ୍ଧନରେ ବାନ୍ଧି ହେବାକୁ ଚାହେଁନାହିଁ । ବାପା-ମା'ର ବାଧ୍ୟବାଧକତାରେ ସେ ଚନ୍ଦନକୁ ବିବାହ କରିଥିଲା; ଯେଉଁଠି ସେ ଆଦୌ ସୁଖୀନୁହେଁ । ତାହାରି ଭାଷାରେ, "ଦେଖ, ମୁଁ ଚାହୁଁନି ଗୋଟିଏ ବନ୍ଧନର ସମ୍ପର୍କ । ମୁଁ ତ ବଞ୍ଚିଛି ସୁଖରେ, ଶାନ୍ତିରେ, । ତୃପ୍ତିରେ ମୋ ପୁରୁଷ ବନ୍ଧୁ ସୌରଭକୁ ନେଇ । ବିବାହ ପୂର୍ବରୁ ଏକାଠି ଚଳୁଥିଲୁ । ଏବେ ବି ଏକାଠି ଚଳିବା ପାଇଁ ନିଷ୍ପତି ନେଇଛୁ । xxx ଆମ ଦୁହିଁଙ୍କ ଭିତରେ ସର୍ତ୍ତଅଛି ସମ୍ପର୍କ ରଖିବ ହେଲେ ସଂସାର କରିବାନି । ଏମିତି ପିଲାଛୁଆର ଭିଡ଼ ଭିତରେ ମୋହମାୟାକୁ ନେଇ ଅଧିକାର ସଜାଡ଼ିବାନି । ମୁଁ ସେଇ ଲିଭ୍ ଇନ୍ ଟୁଗେଦର୍ ଲାଇଫ୍ ଚାହେଁ । xxxତେଣୁ ମୁଁ ସ୍ୱାଧୀନ ଭାବରେ ତୁମକୁ ଆଉ ମୋ ଜୀବନରେ ଚାହୁଁନି । ମୋତେ ତୁମ ଭିତରୁ ମୁକ୍ତ କରିଦିଅ । ପୁପୁନ୍ ପାଇଁ ଆଉ ଏକ ମା' ଖୋଜି ଆଣ।"[୧୩]  ରଞ୍ଜିତା ଛାଡ଼ିଯିବା ପରେ ଏକୁଟିଆ ହୋଇଯାଏ ଚନ୍ଦନ । ମା' ଦୁଃଖରେ ଆରପାରିକୁ ଚାଲିଯାଏ । ଚନ୍ଦନ ପୁଅ ପୁପୁନ୍‌କୁ ବାନ୍ଧବୀ କସ୍ତୁରୀ ଦେବୀ ପାଖରେ ଛାଡିଦେଇ ଯାଯାବର ସାଜିଛି । ଲିଭ୍ ଇନ୍ ରିଲେସନ୍ ପାଇଁ ଏପରି ଗୋଟିଏ ପରିବାର ନଷ୍ଟ ହୋଇଯାଇଛି ।

ସେହିପରି ଦ୍ୱିତୀୟ ଦମ୍ପତି ହେଉଛି ପୂର୍ଣ୍ଣଚନ୍ଦ୍ର ରଥ ଓ ସ୍ୱପ୍ନା । ଚନ୍ଦନ ଓ ରଞ୍ଜିତାର ପୁଅ ପୁପୁନ୍ ବଡ଼ହୋଇ ପୂର୍ଣ୍ଣଚନ୍ଦ୍ର ରଥରେ ପରିଣତ ହୋଇଛି । ସେ ବାଙ୍ଗାଲୋରରେ ସିନିୟର ଅଫିସର୍ ଭାବରେ କାର୍ଯ୍ୟ କରିବା ସହିତ  ମୁକ୍ତଜୀବନ ବଞ୍ଚିବା ନାମରେ ଓ ନିଜର ଦୈହିକ କାମନାକୁ ଚରିତାର୍ଥ କରିବାପାଇଁ ଗୋଟିଏ ଝିଅର ମା' ସ୍ୱପ୍ନା ସହିତ ଲିଭ୍ ଇନ୍‌ରେ ରହିଛି । ପାଳିତ ମାତା କସ୍ତୁରୀ ଦେବୀ ଯେତେ ବାରଣକଲେ ସୁଦ୍ଧା ମାନିନାହିଁ । ଅନ୍ୟପଟେ ସ୍ୱପ୍ନା ଗୋଟିଏ ଉଚ୍ଚମନା ଝିଅ । ଚାକିରି କରି ସ୍ୱାଧୀନ ଭାବରେ ବଞ୍ଚିଛି । ତେଣୁ ସେ ପରିବାର ଓ ସମ୍ପର୍କର ବନ୍ଧନରେ ବାନ୍ଧି ହେବାକୁ ଚାହେଁନାହିଁ । ସେ ଚାହେଁ ମୁକ୍ତଜୀବନ; ଯେଉଁଥିପାଇଁ କିଛି ସମ୍ପର୍କକୁ ବାଦଦେବା

ନିହାତି ଆବଶ୍ୟକ । ତାହାରି ମତରେ, "ଆଜିର ଦୁନିଆରେ ଚାକିରି ଜୀବନକୁ ନେଇ ସଂସାର କରିବାର ଅର୍ଥ ଜୀବନସାରା ଛନ୍ଦିହେବା । ବିଶେଷ କରି ଗୋଟିଏ ନାରୀପାଇଁ ଚାକିରି ସହିତ ଘର ସଂସାର ବିଶେଷ କଷ୍ଟକର ବ୍ୟାପାର । ପିଲା, ଛୁଆ, ସଂସାର, ସ୍ୱାମୀ, ଶାଶୂ, ଶ୍ୱଶୁର ସାହିପଡ଼ିଶା, ବନ୍ଧୁବାନ୍ଧବ ଏସବୁକୁ ଚାକିରି ସହିତ ଯୋଡ଼ିବାମାନେ ସମସ୍ୟା । ଗୋଟିଏ ନାରୀ କାହାକୁ, କେତେଦୁର ସନ୍ତୁଷ୍ଟ କରି ପାରିବ? ଗୋଟିଏ ପୂରନ୍ତା ଘରର ସବୁ କଥା ବୁଝି ସାରିବା ପରେ ଚାକିରି କ୍ଷେତ୍ରକୁ ଯିବ ସେଠାରେ ବି ତା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା । ତେଣୁ କର୍ମମୟ ଜୀବନକୁ ତ ବାଦଦେଇ ହବନି ବରଂ କିଛି ସମ୍ପର୍କକୁ ବାଦ ଦେବାକୁ ପଡିବ।"(୧୪) ସ୍ୱପ୍ନାର ବକ୍ତବ୍ୟ ସ୍ପଷ୍ଟକରେ ଯେ କିଛି ସମ୍ପର୍କ, ପରିବାର, ସମାଜକୁ ବାଦ ଦେଇ ସେ ଲିଭ୍ ଇନ୍‌ରେ ଖୁସିରେ ରହି ପାରିବ । ତେଣୁ କସ୍ତୁରୀ ଦେବୀଙ୍କର ବିବାହ ପ୍ରସ୍ତାବକୁ ମଧ୍ୟ ମନା କରିଦିଏ, "ନା, ମୁଁ ପାରିବିନି । ସେଇ ବନ୍ଧନର ଜୀବନକୁ ଆପଣାର କରି। ସେହି ସ୍ତ୍ରୀ, ବୋହୂ, ପର୍ବପର୍ବାଣୀ, ମାଣବସା ଗୁରୁବାର, କାହାର ଶ୍ରାଦ୍ଧ ବାର୍ଷିକ ପାଳନ କରିବାର କର୍ତ୍ତବ୍ୟକୁ । ମୁଁ ଚାହେଁ ମୁକ୍ତ । ପୁରା ସ୍ୱାଧୀନ, କାହା ପ୍ରଶ୍ନର ଉତ୍ତର ନ ଦେଇ ବଞ୍ଚିବାର କଳା।"(୧୫) କସ୍ତୁରୀ ଦେବୀ ପୁଅ-ବୋହୂକୁ ବୁଝେଇ ନପାରି ଫେରି ଆସିଛନ୍ତି ଏବଂ ଗୋଟିଏ ଉପନ୍ୟାସ 'ଲିଭ୍‌ଇନ୍' ଲେଖି ପୁଅକୁ ବୁଝେଇବାକୁ ଚେଷ୍ଟା କରିଛନ୍ତି । ଚନ୍ଦନ ଉପନ୍ୟାସ ପଢି ନିଜର ଭୁଲ ବୁଝିପାରିଛି ଏବଂ ନିଜ ମା' ପାଖକୁ ଫେରି ଆସିଛି ।

ସେହିପରି ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କ 'ଅଣନାୟକ' ଉପନ୍ୟାସରେ ମଧ୍ୟ ଫ୍ଲାଟ୍ ସେୟାର କରିବାକୁ ଯାଇ ବିପ୍ଳବ ଓ ଫ୍ଲୋରା ଏକତ୍ର ସହବାସ କରିଛନ୍ତି । ଉପନ୍ୟାସରେ ବିପ୍ଳବ ଦିଲ୍ଲୀକୁ ପାଠପଢିବାକୁ ଯାଇ କ୍ଲାସମେଟ୍ ଫ୍ଲୋରା ସହିତ ଗୋଟିଏ ଫ୍ଲାଟ୍‌ରେ ରୁହେ । କ୍ରମେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସୃଷ୍ଟିହୋଇ ହୋଇଛି । ଫ୍ଲୋରାର ସେବା, ଭଲପାଇବା ଧୀରେଧୀରେ ବିପ୍ଳବକୁ ପ୍ରଭାବିତ କରିବାରୁ ସେ ଘରକୁ ନଜଣାଇ ମନ୍ଦିରରେ ଫ୍ଲୋରାକୁ ବାହା ହୋଇପଡିଛି । ବିପ୍ଳବର ବାପା-ମା ଏକଥା ପ୍ରଥମେ ସ୍ୱୀକାର କରିପାରୁ ନଥିଲେ ହେଁ; ପରବର୍ତ୍ତୀ ସମୟରେ ଗ୍ରହଣ କରି ନେଇଛନ୍ତି । ଉପନ୍ୟାସରେ ବିପ୍ଳବ ବ୍ରାହ୍ମଣ ଘରର ପୁଅ ହୋଇଥିବାରୁ ସହଜରେ ଏ ସମ୍ପର୍କକୁ ପରିବାର ଲୋକ ସ୍ୱୀକାର କରିପାରି ନାହାନ୍ତି । ଲିଭ୍ ଇନ୍ ରିଲେସନ୍ ତାଙ୍କ ମୁଣ୍ଡଉପରେ ଚଡ଼କ ପକାଇ ଦେଇଛି; ମାତ୍ର ପରିବେଶ, ପରିସ୍ଥିତିକୁ ଦୃଷ୍ଟିରେ ରଖି ଶେଷରେ ଗ୍ରହଣ କରି ନେଇଛନ୍ତି । ଉପନ୍ୟାସରେ କରୋନା ମହାମାରୀ ପରିବାରଙ୍କୁ ମିଳେଇବାରେ ଏକ ମାଧ୍ୟମ ସାଜିଛି । ଅନ୍ୟପଟେ ଫ୍ଲୋରା ପରିବାରକୁ ଦେଖିହୁଏ; ଯେଉଁଠି ଝିଅର ଲିଭ୍ ଇନ୍ ରିଲେସନ୍‌କୁ ନେଇ କୌଣସି ଆପତ୍ତି ନାହିଁ । ଫ୍ଲୋରା ନିଜ ସମ୍ପର୍କ ବିଷୟରେ ନିଜ ବାପା-ମା'କୁ କହିବା ସହିତ ଭିଡ଼ିଓକଲ୍‌ରେ ବିପ୍ଳବ ସହିତ କଥାକରାଇଛି । ବିପ୍ଳବକୁ ନେଇ ଜୀବନର ନୂତନ ସ୍ୱପ୍ନ ବୁଣିଛି । ଅନୁରୂପ ଭାବରେ ପ୍ରତିଭା ରାୟଙ୍କ 'ହୃଦୟଲଗ୍ନ' ଉପନ୍ୟାସରେ ମଧ୍ୟ ଯୌନ ନିମିତ୍ତ ଲିଭ୍ ଇନ୍ ରିଲେସନ୍ ପ୍ରସଙ୍ଗକୁ ଲକ୍ଷ୍ୟ କରାଯାଇ ପାରିବ । ଉପନ୍ୟାସରେ ଅଖଣ୍ଡାନନ୍ଦ ପୁଷ୍ପାଳକଙ୍କର ପୁତ୍ର ଚନ୍ଦ୍ର ଆମେରୀକାରେ ଥିବା ସମୟରେ ପ୍ରେମ ହୋଇଛି ବିଦେଶିନୀ ମହିଳା ସୁଭଦ୍ରା ସହିତ । ସୁଭଦ୍ରା ଆଗରୁ ଦୁଇଟି ବିବାହ କରିଥିଲେ ହେଁ ତା'ର ବିବାହ ବିଚ୍ଛେଦ ଘଟିଛି । ଚନ୍ଦ୍ର ଓ ସୁଭଦ୍ରା ପରସ୍ପରକୁ ଭଲପାଇଁ ଲିଭ୍ ଇନ୍ ରିଲେସନ୍‌ସିପ୍‌ରେ ରହିଛନ୍ତି । ପିତା ଅଖଣ୍ଡାନନ୍ଦ ପୁଷ୍ପାଳକ ଏକଥା ଜାଣି ଚନ୍ଦ୍ରକୁ ତେଜ୍ୟପୁତ୍ର କରିଛନ୍ତି । ନିଜର ମାତା ମୃତ୍ୟୁରେ ସୁଦ୍ଧା ଡାକି ନାହାନ୍ତି । ଲିଭ୍ ଇନ ପାଇଁ ଚନ୍ଦ୍ର ସବୁଦିନପାଇଁ ବାପା ମା'ଠାରୁ ଅଲଗା ହୋଇଯାଇଛି ।

**ଉପସଂହାର:**

ବର୍ତ୍ତମାନ ସମୟରେ ଯୁଗ ବଦଳିବାର ସହିତ, ବଦଳି ଯାଉଛି ସ୍ନେହ, ପ୍ରେମ, ଭଲପାଇବା ଓ କର୍ତ୍ତବ୍ୟ । ସମ୍ପର୍କର ମାପକାଠି କେବଳ ଦେହଗତ ସ୍ତରରେ ସୀମାବଦ୍ଧ ରହୁଛି । ନାରୀ ପୁରୁଷର ସମ୍ପର୍କ କହିଲେ କେବଳ ବିକଳାଙ୍ଗ ଯୌନଜୀବନକୁ ବୁଝାଉଛି । ବର୍ତ୍ତମାନର ଯୁବପିଢି ଆଧୁନିକତା ନାମରେ, ସ୍ୱାଧୀନତା ନାମରେ ଯେଉଁ ଲିଭ୍ ଇନ୍ ରିଲେସନରେ  ରହୁଛନ୍ତି, ତାକୁ ଆଇନ ହୁଏତ ସ୍ୱୀକୃତି ଦେଇପାରେ; ମାତ୍ର 'ପରିବାର' ଓ 'ସମାଜ' ଏ ପର୍ଯ୍ୟନ୍ତ ଶତ ପ୍ରତିଶତ ଗ୍ରହଣ କରିପାରି ନାହିଁ । ତଥାପି ବ୍ୟକ୍ତିଗତ ସ୍ୱାଧୀନତା ଓ ସ୍ୱାତନ୍ତ୍ର୍ୟତା ଯୁଗରେ ଏହାକୁ ଅସ୍ୱୀକାର କରାଯାଇ ପାରିବନାହିଁ । ପାରମ୍ପାରିକ ସମ୍ପର୍କର ପବିତ୍ରତା, ପାରିବାରିକ ମୂଲ୍ୟବୋଧ ଓ ସାମାଜିକ ସନ୍ତୁଳନକୁ ବଜାୟ ରଖିବା ସହିତ  ଆମକୁ ସମୟ ସହିତ ତାଳଦେଇ ଚାଲିବାକୁ ପଡିବ ।

**ପ୍ରାନ୍ତଟୀକା:**

୧. Fallan, Michael, how hippies came to speak their mind, Realist Magazine, 1967.
୨. Lennon, John, Rolling Stone Magazine, 1970.
୩. Hop, Matthew, Cohabitation-The Law and Social Reality, Hogg, Richard and Piter, Trudgill, Vocabulary in Britain: The Law Social Reality. Edinburgh University Press, London, 1980, P- 45-47.
୪. https://share.google/ vshum00u1BWvAsvb2.
୫. ମହାନ୍ତି, ପ୍ରବୀଣା, ନିବିଡ଼ ନିଃସ୍ୱନ, ଅଗ୍ରଦୂତ, ବାଦାମବାଡ଼ି, କଟକ, ୨୦୦୧, ପୃ- ୬୨
୬. ମହାନ୍ତି, ଜଗଦୀଶ, ଅଦୃଶ୍ୟ ସକାଳ, ଜଗଦୀଶ ମହାନ୍ତି ସୃଜନ ସମଗ୍ର, ପଶ୍ଚିମା ପବ୍ଲିକେଶନ୍, ଭୁବନେଶ୍ୱର, ୨୦୨୨, ପୃ- ୫୩୦
୭. ବରାଳ, ଆଲୋକ, ପ୍ରସଙ୍ଗ:ଉପନ୍ୟାସ, ବିଜୟିନୀ ପବ୍ଲିକେଶନ୍, କଟକ, ୨୦୨୪, ପୃ-୧୦୧
୮. ମହାପାତ୍ର, ବୀଣା, ହାଏ ଆମେରିକା, ଶ୍ରଦ୍ଧା ପବ୍ଲିକେଶନ୍, ବାଲେଶ୍ୱର, ୨୦୧୨,  ପୃ-୪୬
୯. ଶତପଥୀ, କମଳା, ମାୟା ନଗରୀର କୋଳେ,ଦୀକ୍ଷା ପତ୍ରିକା,କଟକ, ୨୦୧୪, ପୃ- ୩୦
୧୦. ତତ୍ରୈବ, ପୃ- ୧୦୬
୧୧. ଦାସ, ଦେବବ୍ରତ, ମାୟା, ଟାଇମ୍‌ପାସ୍, ଭୁବନେଶ୍ୱର, ୨୦୧୬, ପୃ-୧୦୮
୧୨. ସାହୁ, ସରୋଜିନୀ, ଦାଦନ, ଟାଇମ୍‌ପାସ୍, ଭୁବନେଶ୍ୱର, ୨୦୧୬, ପୃ-୮୧
୧୩. ମିଶ୍ର, ମନୋରମା, ଲିଭ୍ ଇନ୍, ଟାଇମ୍‌ପାସ୍, ଭୁବନେଶ୍ୱର, ୨୦୧୮, ପୃ- ୪୪ ।
୧୪. ତତ୍ରୈବ,  ପୃ- ୯୨
୧୫. ତତ୍ରୈବ,  ପୃ- ୯୪

**Publisher's Note:** *The views and opinions expressed in this article are solely those of the author(s) and do not necessarily reflect those of the publisher, editors, or the editorial board.*